# NATIONAL NEWS BULLETIN (ODIA)

**29 October- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଗୁଜରାଟକୁ ଆସନ୍ତାକାଲିଠାରୁ ଦୁଇଦିନିଆ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ
- ବିହାର ବିଧାନସଭା ନିର୍ବାଚନ ପାଇଁ ରାଜନୈତିକ ଦଳ ଏବଂ ପ୍ରାର୍ଥୀଙ୍କ ପକ୍ଷରୁ ଚାଲିଛି ପ୍ରଚାର
- ଲଦ୍ଦାଖର ଲେହ ସହରରେ ସଂଘଟିତ ହିଂସାର ଆରମ୍ଭ ହେଲା ନ୍ୟାୟିକ ତଦନ୍ତ ।
- ଆଗାମୀ ୩୬ ଘଣ୍ଟା ମଧ୍ୟରେ ଘୂର୍ଣ୍ଣିଝଡ଼ ମୋନ୍ଥା କେନ୍ଦ୍ରୀୟ ଆରବ ସାଗର ଦେଇ ଉତ୍ତର-ପୂର୍ବ ଦିଗରେ ଗତି କରିବା ନେଇ ଆକଳନ କରିଛି ପାଣିପାଗ ବିଭାଗ

ଏବଂ

- କାନବେରା ଟି-୨୦ କ୍ରିକେଟ୍ ମ୍ୟାଚ୍‌ରେ ଟସ୍ ଜିତି ଭାରତକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କଲା ଅଷ୍ଟ୍ରେଲିଆ ।

## ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲିଠାରୁ ଦୁଇଦିନିଆ ଗୁଜରାଟ ଗସ୍ତରେ ଯିବେ । ଏହି ଗସ୍ତ ଅବସରରେ ଶ୍ରୀ ମୋଦୀ ଆସନ୍ତାକାଲି କେଭାଡ଼ିଆର ଏକତାନଗରରେ ୧ ହଜାର ୧୪୦ କୋଟି

ଟଙ୍କାରୁ ଅଧିକ ମୂଲ୍ୟର ଭିତ୍ତିଭୂମି ଏବଂ ବିକାଶ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିବେ । ପ୍ରକଳ୍ପଗୁଡ଼ିକ ମଧ୍ୟରେ ରାଜପିପଳାର ବିର୍ଶାମୁଣ୍ଡା ଆଦିବାସୀ ବିଶ୍ୱବିଦ୍ୟାଳୟ, ବାମନ ବୃକ୍ଷବାଟିକା, ଇ-ବସ୍ ଚାର୍ଜିଙ୍ଗ ଡିପୋ ଏବଂ ୨୫ଟି ଇଲେକ୍ଟ୍ରିକ୍ ବସ୍ ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ଶ୍ରୀ ମୋଦୀ ଭାରତର ରାଜାରାଜୁଡ଼ା ଶାସନ ଆଧାରିତ ସଂଗ୍ରହାଳୟ, କ୍ରୀଡ଼ା କଂପ୍ଲେକ୍ସ, ଶୁଲ୍‌ପାନେଶ୍ୱର ଘାଟ ନିକଟରେ ଜେଟି ବିକାଶ ଏବଂ ଷ୍ଟାଚ୍ୟୁ ଅଫ୍ ୟୁନିଟ୍‌ରେ ଟ୍ରାଭେଲ୍‌ଟର୍ସ ସମେତ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବେ ।

ଶୁକ୍ରବାର ଦିନ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ଏକତା ଦିବସ ସମାରୋହରେ ଯୋଗଦେଇ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମବାର୍ଷିକୀ ଅବସରରେ ଶ୍ରଦ୍ଧାସୁମନ ଅର୍ପଣ କରିବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଏକତା ଦିବସ ପ୍ରତିଜ୍ଞା ଏବଂ ପରେଡ୍‌ରେ ମଧ୍ୟ ଅଂଶ ଗ୍ରହଣ କରିବେ ।

ଚଳିତବର୍ଷ ପରେଡ୍‌ରେ ରାମପୁର ହାଉଣ୍ଡ୍‌ସ ଏବଂ ମୁଧୋଲ ହାଉଣ୍ଡ୍‌ସ ଭଳି ସ୍ୱତନ୍ତ୍ର ଭାରତୀୟ ପ୍ରଜାତିର କୁକୁରଙ୍କୁ ନେଇ ଗଠିତ ବିଏସ୍‌ଏଫ୍ କଣ୍ଟିଜେଣ୍ଟ୍‌ର ଅଂଶ ଗ୍ରହଣ ହେବ ମୁଖ୍ୟ ଆକର୍ଷଣ । ଶ୍ରୀ ମୋଦୀ ଆରମ୍ଭ ୭.୦ର ଶେଷ ପର୍ଯ୍ୟାୟରେ ୧୦୦ତମ ଫାଉଣ୍ଡେସନ କୋର୍ସର ଅଧିକାରୀ, ପ୍ରଶିକ୍ଷାର୍ଥୀଙ୍କ ସହିତ ମଧ୍ୟ ଆଲୋଚନା କରିବେ ।

## ବିହାର-ଇଲେକ୍ସନ

ବିହାର ବିଧାନସଭା ନିର୍ବାଚନ ପାଇଁ ରାଜନୈତିକ ଦଳ ଓ ପ୍ରାର୍ଥୀଙ୍କ ପ୍ରଚାର ଚାଲିଛି । ଏନ୍‌ଡିଏ ଏବଂ ମହାଗଠବନ୍ଧନ ସାଥୀ ଦଳଗୁଡ଼ିକ

ପରସ୍ପର ବିରୋଧରେ ଆରୋପ ଓ ପ୍ରତ୍ୟାରୋପ କରିବା ସହ ଭୋଟରମାନଙ୍କୁ ଆକର୍ଷିତ କରିବା ପାଇଁ ଯଥାସମ୍ଭବ ପ୍ରୟାସ କରୁଛନ୍ତି ।

ଗତକାଲି ପ୍ରକାଶିତ ମହାଗଠବନ୍ଧନର ଇସ୍ତାହାର ଉପରେ କଟାକ୍ଷ କରି ପାଟନାରେ ବିଜେପି ନେତା ଏବଂ କେନ୍ଦ୍ରମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ କହିଛନ୍ତି, ବିହାରର ଲୋକମାନେ ପୂର୍ବରୁ ମହାଗଠନବନ୍ଧନର କାମ ଦେଖିସାରିଛନ୍ତି ଏବଂ ଆଉ କେବେ ବି ଭ୍ରମିତ ହେବେ ନାହିଁ। ସେ କେହିଛନ୍ତି ଲୋକମାନେ ସାଧାରଣ ଲୋକଙ୍କ ପାଇଁ କାମ କରୁଥିବା ଏନ୍‌ଡିଏ ସରକାରକୁ ସମର୍ଥନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ସେ କହିଛନ୍ତି ବିହାରର ଲୋକଙ୍କ ବିଶ୍ୱାସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ଉପରେ ରହିଛି ।

**V/O (Annapurna Devi)**

ଅନ୍ୟପକ୍ଷରେ ମହାଗଠବନ୍ଧନର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଏବଂ ଆରଜେଡି ନେତା ତେଜସ୍ୱୀ ଯାଦବ କହିଛନ୍ତି, ଇସ୍ତାହାରରେ କରାଯାଇଥିବା ଘୋଷଣା ଗୁଡ଼ିକ ପ୍ରତିଶ୍ରୁତି । ସେ କହିଛନ୍ତି ମହାଗଠବନ୍ଧନର ସମସ୍ତ ସାଂଗଠନିକ ଦଳ ଏକାଠି ଏହାକୁ ପୂରଣ କରିବା ପାଇଁ କାର୍ଯ୍ୟ କରିବେ।

ଶ୍ରୀ ଯାଦବଙ୍କୁ ସମର୍ଥନ କରି କଂଗ୍ରେସ ନେତା ଭୂପେଶ ବାଘେଲ କହିଛନ୍ତି ଯେ ମହାଗଠବନ୍ଧନ ଘୋଷଣାପତ୍ରରେ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତି ସେ ପୂରଣ କରିବ । ବିଜେପି  ନିର୍ବାଚନ ପ୍ରତିଶ୍ରୁତି ପୂରଣ ନ କରିବା ନେଇ ସେ ଅଭିଯୋଗ ଆଣିଛନ୍ତି।

ମହାଗଠବନ୍ଧନଙ୍କ ମନିଫେଷ୍ଟୋରେ ଜେଡିୟୁ ଜାତୀୟ ମୁଖପାତ୍ର ରାଜୀବ ରଂଜନ କହିଛନ୍ତି, ନୀତିଶ କୁମାରଙ୍କ ସରକାର ଅତୀତରେ ବିହାରର ଲୋକଙ୍କ

କଲ୍ୟାଣ ପାଇଁ ଅନେକ କାମ କରିଛନ୍ତି । ସେ କହିଛନ୍ତି, ମହାଗଠବନ୍ଧନର ନିର୍ବାଚନ ପ୍ରତିଶ୍ରୁତି ବାସ୍ତବବାଦୀ ନୁହେଁ ।

## ସାଇପ୍ରସ୍-ଏଫ୍ଏମ୍ ଭିଜିଟ୍

ସାଇପ୍ରସ୍‌ର ବୈଦେଶିକ ମନ୍ତ୍ରୀ କନଷ୍ଟାଣ୍ଟିନୋସ୍ କୋମ୍ବୋସ୍ ୩ ଦିନିଆ ଭାରତ ଗସ୍ତରେ ଆସି ଆଜି ନୂଆଦିଲ୍ଲୀରେ ପହଞ୍ଚିବେ । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ସହ ସାକ୍ଷାତ ଆଲୋଚନା କରିବେ । ସପ୍ରୁ ହାଉସ୍‌ଠାରେ ସାଇପ୍ରସ୍‌ର ବୈଦେଶିକ ମନ୍ତ୍ରୀ ଭାଷଣ ଦେବାର କାର୍ଯ୍ୟସୂଚୀ ରହିଛି । ଗତ ଜୁନ୍ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସାଇପ୍ରସ୍ ଗସ୍ତ ଅବସରରେ ଦ୍ୱିପାକ୍ଷିକ ରଣନୈତିକ ସହଯୋଗ ଏବଂ ୟୁରୋପୀୟ ସଂଘ ସହ ସମନ୍ୱୟ ନେଇ ଏକ ରୂପରେଖ ପ୍ରସ୍ତୁତ କରାଯାଇଥିଲା । ଏହି ଅବସରରେ ଏକ ମିଳିତ ଘୋଷଣାପତ୍ର ମଧ୍ୟ ପ୍ରସ୍ତୁତ ହୋଇଥିଲା । ଚଳିତବର୍ଷ ଶେଷ ସୁଦ୍ଧା ୟୁରୋପୀୟ ସଂଘ ଏବଂ ଭାରତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସଂପନ୍ନ କରିବା ପାଇଁ ଭାରତ ଏବଂ ସାଇପ୍ରସ୍ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ । ଆସନ୍ତାବର୍ଷ ସାଇପ୍ରସ୍ ୟୁରୋପୀୟ ସଂଘ ପରିଷଦର ସଭାପତିତ୍ୱ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ଏହି ଚୁକ୍ତିନାମା ଶେଷ କରିବାକୁ ଭାରତ ଏବଂ ସାଇପ୍ରସ୍ ସହମତ ହୋଇଛନ୍ତି ।

## ଲେହ- ଭାଓଲେନ୍ସ ଇନକ୍ୱାରୀ

ଲଦାଖର ଲେହ ସହରରେ ଗତମାସ ୨୪ ତାରିଖରେ ଘଟିଥିବା ହିଂସାର ତଦନ୍ତ ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏକ କମିଟି ଗଠନ କରିଛି । ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଡକ୍ଟର ବି.ଏସ୍. ଚୌହାନଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ନ୍ୟାୟିକ କମିଟି ହିଂସାତ୍ମକ ଘଟଣା ସଂପର୍କରେ ତଦନ୍ତ କରିବେ । ହିଂସାତ୍ମକ ଘଟଣା ନେଇ ସୂଚନା ତଥା ଅନ୍ୟାନ୍ୟ ତଥ୍ୟ ଉପସ୍ଥାପନ କରିବାକୁ ତଦନ୍ତ କମିଟି ପକ୍ଷରୁ ସାର୍ବଜନୀନ ନୋଟିସ୍ ଜାରି କରାଯାଇଛି । ଆସନ୍ତାମାସ ୨୮ ତାରିଖ

ପର୍ଯ୍ୟନ୍ତ ତଥ୍ୟ ଉପସ୍ଥାପନ କରିବାକୁ ସମୟସୀମା ଧାର୍ଯ୍ୟ ହୋଇଛି । ନ୍ୟାୟିକ ତଦନ୍ତ କମିଟିର ସଦସ୍ୟ ଗତ ୨୭ ତାରିଖରେ ଲେହ ସହରକୁ ଗସ୍ତ କରି ସ୍ଥିତି ସମୀକ୍ଷା କରିବା ସହ ବିଭିନ୍ନ ଲୋକଙ୍କ ସହ ଆଲୋଚନା କରିଛନ୍ତି । ଲଦାଖ ପ୍ରଶାସନ ଏବଂ ନ୍ୟାୟିକ ତଦନ୍ତ କମିଟି ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କେନ୍ଦ୍ରଶାସିତ ଅଞ୍ଚଳର ଅତିରିକ୍ତ ସଚିବ ରିଗଜିନ୍ ସ୍ପାଲଗନ୍‌ଙ୍କୁ କମିଟିର ଯୁଗ୍ମସଚିବ ଭାବେ ନିଯୁକ୍ତ କରାଯାଇଛି ।

## ଇଣ୍ଡିଆ-ଚୀନ୍ ମିଟିଂ

ଭାରତ ଓ ଚୀନ୍ ସୀମାରେ ସ୍ଥିରତା ବଜାୟ ରଖିବା ଏବଂ ଭୂ-ରଣନୈତିକ ସମସ୍ୟାର ସମାଧାନ ପାଇଁ କାର୍ଯ୍ୟକାରୀ ହେଉଥିବା ବ୍ୟବସ୍ଥାର ପୁନଃ ପ୍ରଚଳନ ପାଇଁ ଉଭୟ ପକ୍ଷ ସହମତ ହୋଇଛନ୍ତି । ଭାରତ-ଚୀନ୍ କର୍ପସ୍ କମାଣ୍ଡ ସ୍ତରୀୟ ୨୩ତମ ପର୍ଯ୍ୟାୟ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ବୈଠକ ଗତ ୨୫ ତାରିଖରେ ଚୁସୁଲ-ମୋଲ୍‌ଡ ସୀମାରେ ଅନୁଷ୍ଠିତ ହୋଇଥିଲା । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ସୀମାବର୍ତ୍ତୀ ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବାକୁ ଉଭୟ ପକ୍ଷ ରାଜି ହୋଇଛନ୍ତି । କମାଣ୍ଡରସ୍ତରୀୟ ବୈଠକ ଏକ ବନ୍ଧୁତ୍ୱପୂର୍ଣ୍ଣ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ଅନୁଷ୍ଠିତ ହୋଇଛି ।

## ରାଜନାଥ-ଏଡିଏମ୍ଏମ୍ ପ୍ଲସ୍

ମାଲେସିଆର କ୍ୱାଲାଲମ୍ପୁରଠାରେ ଦ୍ୱାଦଶ ଆସିଆନ୍ ପ୍ରତିରକ୍ଷାମନ୍ତ୍ରୀଙ୍କ ବୈଠକ-ଏଡିଏମ୍ଏମ୍ ପ୍ଲସ୍ ରେ ଆସନ୍ତା ଶନିବାର ଦିନ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଯୋଗଦେବେ । ଏଡିଏମ୍ଏମ୍ ପ୍ଲସ୍‌ର ୧୫ ବର୍ଷର ପଦକ୍ଷେପ ଏବଂ ଅଭିବୃଦ୍ଧି ଶୀର୍ଷକ ଫୋରମରେ ଶ୍ରୀ ସିଂ

ଉଦ୍‌ବୋଧନ ଦେବେ । ଦୁଇଦିନିଆ ଗସ୍ତ ଅବସରରେ ପ୍ରତିରକ୍ଷାମନ୍ତ୍ରୀ ସଦସ୍ୟ ରାଷ୍ଟ୍ରଙ୍କ ପ୍ରତିରକ୍ଷାମନ୍ତ୍ରୀ ଏବଂ ମାଲେସିଆର ବରିଷ୍ଠ ନେତୃମଣ୍ଡଳୀଙ୍କ ସହ ଦ୍ୱିପାକ୍ଷିକ ବୈଠକରେ ଯୋଗଦେବେ । ଆସିଆନ ଏବଂ ସଂଯୁକ୍ତ ଦେଶମାନଙ୍କ ମଧ୍ୟରେ ପ୍ରତିରକ୍ଷା ସହଯୋଗକୁ ମଜବୁତ କରିବା ଲକ୍ଷ୍ୟ ନେଇ ପ୍ରତିବର୍ଷ ଏଡିଏମ୍‌ଏମ୍ ପ୍ଲସ୍ ବୈଠକ ଅନୁଷ୍ଠିତ ହୋଇଥାଏ ।

ପ୍ରତିରକ୍ଷା ମନ୍ତ୍ରଣାଳୟ ଏକ ବିବୃତିରେ କହିଛି, ୨୦୨୪-୨୭ ପର୍ଯ୍ୟନ୍ତ ଏହି ସଂଗଠନର ଆତଙ୍କବାଦ ବିରୋଧୀ ବିଶେଷଜ୍ଞ କାର୍ଯ୍ୟଗୋଷ୍ଠୀରେ ଭାରତ ମାଲେସିଆ ସହିତ ସହଅଧ୍ୟକ୍ଷ ଭାବେ ଦାୟିତ୍ୱ ନିର୍ବାହ କରୁଛି । ମାଲେସିଆର ଅଧ୍ୟକ୍ଷତାରେ ଆସିଆନ୍ -ଭାରତ ପ୍ରତିରକ୍ଷା ମନ୍ତ୍ରୀଙ୍କ ଅନୌପଚାରିକ ବୈଠକରେ ଦ୍ୱିତୀୟ ସଂସ୍କରଣ ଆସନ୍ତା ଶୁକ୍ରବାର ଅନୁଷ୍ଠିତ ହେବ । ଆସିଆନ୍ ସଦସ୍ୟ ରାଷ୍ଟ୍ରଗୁଡ଼ିକର ପ୍ରତିରକ୍ଷାମନ୍ତ୍ରୀ ଏହି ବୈଠକରେ ଯୋଗଦେବେ ।

ଆସିଆନ୍ ସଦସ୍ୟ ରାଷ୍ଟ୍ର ଏବଂ ଭାରତ ମଧ୍ୟରେ ପ୍ରତିରକ୍ଷା ଓ ସୁରକ୍ଷା ସହଯୋଗକୁ ମଜବୁତ କରିବା ଏବଂ ଆକ୍ଟ ଇଷ୍ଟ୍ ନୀତିକୁ ସୁଦୃଢ଼ କରିବାରେ ଏହି ବୈଠକ ଏକ ମଞ୍ଚ ପ୍ରଦାନ କରିବ । ଏଡିଏମ୍‌ଏମ୍ ପ୍ଲସ୍ ହେଉଛି ଆସିଆନ ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହିତ ଆଲୋଚନା ପାଇଁ ସାମିଲ ହୋଇଥିବା ଅନ୍ୟ ୮ଟି ରାଷ୍ଟ୍ରଙ୍କ ସଂଗଠନ ।

---

## ଇ-ବାହାନ

ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ଆସନ୍ତାକାଲି ନୂଆଦିଲ୍ଲୀରେ ଜାତୀୟ ଇ-ବିଧାନ ଆପ୍ଲିକେଶନ (ନେଭା) ଉପରେ ତୃତୀୟ ଜାତୀୟ ସମ୍ମିଳନୀ ଆୟୋଜନ କରିବ । ମନ୍ତ୍ରଣାଳୟ ସୂଚନା ଦେଇଛି ଯେ, ଏହି ସମ୍ମିଳନୀ ରାଜ୍ୟ ଏବଂ

କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକରେ ନେଭା କାର୍ଯ୍ୟାନ୍ୱୟନର ପ୍ରଗତି ସମୀକ୍ଷା କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରିବ । ଏହି ସମ୍ମଳନୀରେ ସମସ୍ତ ବାକି ବିଧାନସଭା ଗୃହ ଗୁଡ଼ିକୁ ନେଭା ପ୍ଲାର୍ଟଫର୍ମରେ ତ୍ୱରାନ୍ୱିତ କରିବା ପାଇଁ କାର୍ଯ୍ୟକ୍ଷମ ଏବଂ ବୈଷୟିକ ସମସ୍ୟାଗୁଡ଼ିକୁ ମଧ୍ୟ ସମାଧାନ କରିବ । ମନ୍ତ୍ରଣାଳୟ ଆହୁରି ମଧ୍ୟ କହିଛି ଯେ, ସମ୍ମିଳନୀ ସମୟରେ ଆଲୋଚନାର ମୁଖ୍ୟବିନ୍ଦୁ ହେବ ଆଇନଗତ ପ୍ରକ୍ରିୟାକୁ ବୃଦ୍ଧି କରିବା, ତଥ୍ୟର ସୁଗମତାକୁ ଉନ୍ନତ କରିବା, ନିୟମିତ କାର୍ଯ୍ୟକ୍ରମକୁ ସ୍ୱୟଂଚାଳିତ କରିବା ଏବଂ ଆପ୍ଲିକେଶନ ମାଧ୍ୟମରେ ବିଧାନସଭା ଗୃହ ଗୁଡ଼ିକର କାର୍ଯ୍ୟରେ ସ୍ୱଚ୍ଛତା ଏବଂ ପ୍ରତିକ୍ରିୟାଶୀଳତାକୁ ଆହୁରି ସୁଦୃଢ଼ କରିବା ପାଇଁ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର କରିବା ।

## ଆଇଏମ୍‌ଡି-ମୋନ୍ଥା

ଭାରତୀୟ ପାଣିପାଗ ବିଭାଗ କହିଛି ଘୂର୍ଣ୍ଣିଝଡ଼ ମୋନ୍ଥା ଆନ୍ଧ୍ରପ୍ରଦେଶ ଉପକୂଳ ଏବଂ ସଂଲଗ୍ନ ତେଲଙ୍ଗାନା ଉପରେ ଗଭୀର ଅବପାତରେ ପରିଣତ ହୋଇଛି । ଗତ ୬ ଘଣ୍ଟା ମଧ୍ୟରେ ଉପକୂଳ ଆନ୍ଧ୍ରପ୍ରଦେଶ ଅଞ୍ଚଳରେ ଘୂର୍ଣ୍ଣିଝଡ଼ ଘଣ୍ଟା ପ୍ରତି ୧୫ କିଲୋମିଟର ବେଗରେ ଉତ୍ତର, ଉତ୍ତର-ପଶ୍ଚିମ ଦିଗରେ ଗତି କରିଛି । ତେଲଙ୍ଗାନାର ଭଦ୍ରାଚଳରୁ ପ୍ରାୟ ୫୦ କିଲୋମିଟର ଦକ୍ଷିଣ, ଦକ୍ଷିଣ-ପୂର୍ବ ଏବଂ ଖମ୍ମମ୍‌ରୁ ୧୧୦ କିଲୋମିଟର ପୂର୍ବରେ, ଓଡ଼ିଶାର ମାଲକାନଗିରିରୁ ୧୩୦ କିଲୋମିଟର ଦକ୍ଷିଣ, ଦକ୍ଷିଣ-ପଶ୍ଚିମରେ ଏବଂ ଛତିଶଗଡ଼ର ଜଗଦ୍ଦଲପୁରରୁ ୨୨୦ କିଲୋମିଟର ଦକ୍ଷିଣ, ଦକ୍ଷିଣ-ପଶ୍ଚିମରେ ଘୂର୍ଣ୍ଣିଝଡ଼ ଏବେ କେନ୍ଦ୍ରୀଭୂତ ହୋଇଛି । ଆଗାମୀ୩୬ ଘଣ୍ଟା ମଧ୍ୟରେ ଘୂର୍ଣ୍ଣିଝଡ଼ ପୂର୍ବ କେନ୍ଦ୍ରୀୟ ଆରବ ସାଗର ଦେଇ  ଉତ୍ତର-ପୂର୍ବ ଦିଗରେ ଗତି କରିବାର ସମ୍ଭାବନା ଅଛି ବୋଲି ପାଣିପାଗ ବିଭାଗ କହିଛି ।

# କ୍ରିକେଟ୍-ଇଣ୍ଡିଆ-ଅଷ୍ଟ୍ରେଲିଆ

ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ କାନ୍‌ବେରାର ମନୁକା ଓଭାଲ ଠାରେ ପ୍ରଥମ ଟି-ଟ୍ୱେଣ୍ଟି ମ୍ୟାଚ୍  ଆରମ୍ଭ ହୋଇଛି । ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।   ସୂର୍ଯ୍ୟ କୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଅଷ୍ଟ୍ରେଲିଆ ବିରୁଦ୍ଧରେ ଚଳିତ ୫ଟିକିଆ ଟି-୨୦ କ୍ରିକେଟ୍ ସିରିଜ୍ ଖେଳୁଛି ।